# କପିଳାସ ପ୍ରସିଦ୍ଧ ଜାଗରଯାତ୍ରା ୨୬ରେ



■ରାତି ୪ଟା ୨୦ମିନିଟ ମଧ୍ୟରେ ମହାଦୀପ ଉଠାଣ
■ଦୁର୍ବଳ ସ୍ଥାନ ଗୁଡ଼ିକରେ ଅଧିକ ସତର୍କତା ଅବଲମ୍ବନ କରାଯିବ
■ବିନା ପାସ୍‌ରେ କୌଣସି ଯାନ ବାହାନକୁ ଅନୁମତି ଦିଆଯିବନି

ଢେଙ୍କାନାଳ,୧୧୨(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କର ପ୍ରସିଦ୍ଧ ଜାଗର ଯାତ୍ରା ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେଉଛି । ଏଥିପାଇଁ ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ଜିଲା କାର୍ଯ୍ୟାଳୟ ସଦଭାବନା ଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଲେ ଯେ, ଜାଗର ଯାତ୍ରାରେ ଯେପରି କୌଣସି ଅଘଟଣା ନ ଘଟେ, ସେଥିପାଇଁ ବିଭାଗୀୟ ଅଧିକାରୀମାନେ ବିଶେଷ ଗୁରୁତ୍ୱ ଦେବେ । ପୀଠ ପରିସରରେ ଦୁର୍ବଳ ଥିବା ସ୍ଥାନଗୁଡିକରେ ଅଧିକ ସତର୍କତା ଅବଲମ୍ବନ କରାଯିବ । ଯାତ୍ରୀମାନଙ୍କ ନିରାପତ୍ତା, ଗହଳି ନିୟନ୍ତ୍ରଣ ଓ ପୀଠରେ ସ୍ୱଚ୍ଛତା ପ୍ରତି ସଜାଗ ରହିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଯୋଗଦେଇ ଏସ୍‌ପି ଅଭିନବ ସୋନକର ବିନା ପାସ୍‌ରେ କୌଣସି ଯାନବାହାନକୁ ପୀଠକୁ ଯିବା ପାଇଁ ଅନୁମତି ଦିଆଯିବ ନାହି ବୋଲି କହିଥିଲେ। ସେହିପରି ପୀଠରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ରାଜ ପୁରୋଧା ପଞ୍ଚାନନ ମିଶ୍ରଙ୍କ ଗଣନା କ୍ରମେ ରାତି ୩ଟା ୫୫ମିନିଟରୁ ବେଢାପୂଜା, ପରିକ୍ରମା ଓ ମହାଦୀପ ଉଠାଣ କାର୍ଯ୍ୟ ଆରମ୍ଭ ହୋଇ ରାତି ୪ଟା ୨୦ମିନିଟ ମଧ୍ୟରେ ଶେଷହେବ ବୋଲି ନିଷ୍ପତ୍ତି ହୋଇଛି । ମନ୍ଦିର ପରିସରରେ ଆଲୋକସଜ୍ଜା, ଫୁଲସଜ୍ଜା, ଯାତ୍ରୀମାନଙ୍କ ନିମନ୍ତେ ଜଳ ଯୋଗାଣ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାନବାହାନ ନିୟନ୍ତ୍ରଣ, ଦୋକାନ ବଜାର ନିମନ୍ତେ ସ୍ଥାନ ନିରୁପଣ, ପୀଠର ପରିଷ୍କାର ପରିଚ୍ଛନ୍ନତା, ସାପ ପ୍ରତିକାର ବ୍ୟବସ୍ଥା, ଆଶୁ ଚିକିତ୍ସା ଓ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରାରମ୍ଭରେ ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ, ଜାଗର ଯାତ୍ରାର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମହିମା ମହିଳା ମହୋଦ୍ୟମ ଉଦ୍‌ଘାଟିତ



ଢେଙ୍କାନାଳ,୧୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଯୋରନ୍ଦା ଗ୍ରାମପଞ୍ଚାୟତ ପରିସରରେ ମହିଳା କୃଷି ଉତ୍ପାଦକ ସଂଘ 'ମହିମା ମହିଳା ମହୋଦ୍ୟମ' ଶନିବାର ଉଦଘାଟିତ ହୋଇଯାଇଛି। ଶିକ୍ଷାବିତ ଡ. ସୁସନ୍ଧ୍ୟା ମହାନ୍ତି, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ନିର୍ମଳା ମହାପାତ୍ର, ସିଡିପିଓ ମାନସୀ ଦାସ, ଯୋରନ୍ଦା ସରପଞ୍ଚ ଆରତୀ ନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଲେ । ଏହି କୃଷି ଉତ୍ପାଦକ ସଂଘ ମାଧ୍ୟମରେ ବଡ଼ି, ଆରିସା, ପାମ୍ପଡ଼, ବାରମଜା, ଖୁଆପେଡ଼ା, ରାଶିଲଡ୍ଡୁ, ବାଦାମଲଡ୍ଡୁ, ସୁଜିଲଡ୍ଡୁ, ଚୁଡ଼ାଲଡ୍ଡୁ, ମୁଢ଼ିଲଡ୍ଡୁ, ଚକିପେଷା ହଳଦୀ, ଲଙ୍କାଗୁଣ୍ଡ, ବିଭିନ୍ନ ପ୍ରକାର ଡାଲି, ମାଣ୍ଡିଆଗୁଣ୍ଡ, ଛତୁଆ, ଶାଳଗୁଡ଼ ଆଦିର ଉତ୍ପାଦନ ଓ ବିକ୍ରୟ ପାଇଁ ସ୍ୱରବର୍ଣ୍ଣା ବ୍ରାଣ୍ଡରେ ଉଦ୍ୟମ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ସଂଯୋଜିକା ରଶ୍ମିତା ରାଉତ କହିଛନ୍ତି। ଜିଆଇ ଟ୍ୟାଗ ପାଇଥିବା ମଗଜି ଲଡ୍ଡୁର ପ୍ୟାକେଜିଂ କରି ବିକ୍ରୟ କରାଯିବ । ସଂଘ ଦ୍ୱାରା ପ୍ରସ୍ତୁତ ଫିନାଇଲ, ବ୍ଲିଚିଂ ପାଉଡର, ଅଳତା ଆଦି ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ଦିବ୍ୟ ମହିମା' ବ୍ରାଣ୍ଡକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଶ୍ୱ ଓଡ଼ିଶା ମହିଳା ପରିଷଦ ଆନୁକୂଲ୍ୟରେ ଏହି ଉଦଘାଟନ କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ସଙ୍ଗଠିକା ନର୍ମଦା ରାଉତ, ଶଶୀରେଖା ରାଉତ, ମମତା ଦେବନାୟକ, ସୁଚିତ୍ରା ସାହୁ, ସିନି ପରିଡ଼ା, ସନ୍ଧ୍ୟାରାଣୀ ରାଉତ, ରୋଜି ପରିଡ଼ା, ବନିତା ପରିଡ଼ା, ଝିଲ୍ଲୀ ପରିଡ଼ା, ସୁଶୀଳ ସରିତା ନାୟକ, ଦିପ୍ତୀମୟୀ ପରିଡ଼ା, ପ୍ରତିଭା ଦାସ, ପ୍ରୀତିପ୍ରଜ୍ଞା ନାୟକ, ସୁକାନ୍ତି ନାୟକ, ସଂଯୁକ୍ତା ରାଉତ, ଝରଣା ରାଉତ ଓ ମାମିନା ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଟାଟାଷ୍ଟିଲ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ



ଢେଙ୍କାନାଳ,୧୧୨(ରତନ ନାୟାର)

ଟାଟାଷ୍ଟିଲ ମେରାମଣ୍ଡଳୀ(ଟିଏସ୍‌ଏମ୍) ପକ୍ଷରୁ ସଡକ ସୁରକ୍ଷା ମାସ ପାଳନ ଅବସରରେ ଶନିବାର ୫୫ନଂ ଜାତୀୟ ରାଜପଥରେ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଜାତୀୟ ରାଜପଥରେ ଚଳାଚଳ କରୁଥିବା ଗାଡ଼ି ଚାଳକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନକର, ସଡ଼କ ସୁରକ୍ଷା ସମସ୍ତଙ୍କ ପାଇଁ ଏକ ମିଳିତ ଦାୟିତ୍ୱ ବୋଲି କହିଥିଲେ। ପଥପ୍ରାନ୍ତ ନାଟକ, ଲିଫ୍‌ଲେଟ୍ ବଣ୍ଟନ ଓ ସ୍ଥାନୀୟ ଆଇନ ପ୍ରଣୟନକାରୀ କର୍ତ୍ତୃପକ୍ଷଙ୍କ ସହ ସହଯୋଗୀତା ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କରେ ପ୍ରଚାର ପ୍ରସାର କରିବା, ଦୁର୍ଘଟଣା କମ୍ କରିବା ଏବଂ ସଡ଼କଗୁଡ଼ିକୁ ସମସ୍ତ ପାଇଁ ସୁରକ୍ଷିତ ରଖିବା ଆମର ଲକ୍ଷ୍ୟ ବୋଲି ଏସ୍‌ପି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ନଳିତା ମୋଦି, କଣ୍ଟାବଣିଆ ଥାନା ଅଧିକାରୀ ତୁଳସୀ ମଞ୍ଜରୀ ଭୂୟାଁ, ଟିଏସ୍‌ଏମ୍ ସୁରକ୍ଷା ମୁଖ୍ୟ ବିଳାସ ଗାଏକୁଆଡ, ଟିଏସ୍‌ଏମ୍ କର୍ପୋରେଟ୍ ସର୍ଭିସ ମୁଖ୍ୟ ମୋହିତ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ସ୍ଥାନିୟ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ଗାଡି ଚାଳନା ସମ୍ପର୍କରେ ସୂଚିତ କରିବା ସହ ଟ୍ରାଫିକ ନିୟମ, ଦାୟିତ୍ୱପୂର୍ଣ୍ଣ ଗାଡିଚାଳନା ଓ ପଥଚାରୀଙ୍କ ସୁରକ୍ଷା ଉପରେ ସଚେତନ କରିବା ଲାଗି ସଡକ ସୁରକ୍ଷା ସଚେତନତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ବେଗ ନିୟନ୍ତ୍ରଣ, ଗାଡି ଚଳାଇବା ବେଳେ ଅନ୍ୟମନସ୍କ ନହେବା, ହେଲମେଟ୍ ଓ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଛି ।

# ହାତୀପଲ ଭାଙ୍ଗିଲେ ଘର, ଉଜାଡ଼ିଲେ ଫସଲ

## ଘର ଛାଡ଼ି ପଳାଇଲେ ଲୋକେ

ଭୁବନ, ୧୧୨(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ଅଧୀନ ବିଭିନ୍ନ ସ୍ଥାନରେ ଶୁକ୍ରବାର ରାତିରେ ୧୧ ଟିକିଆ ହାତୀପଲ ଆତଙ୍କ ଖେଳାଇଛନ୍ତି। ବିଳମ୍ବିତ ରାତିରେ ମଠକରଗୋଳା ଅଞ୍ଚଳରୁ ହାତୀପଲ ଓଡ଼ିଶ ପଞ୍ଚାୟତ ବେଲପାଳ ଗ୍ରାମରେ ତିନୋଟି ଘର ଭାଙ୍ଗି ଘରୁ ଭାତ ଓ ଧାନ ଖାଇଦେଇଛନ୍ତି। ଲୋକମାନେ ଘରେ ରୋଷେଇ କରି ଖାଇବା ପୂର୍ବରୁ ହାତୀପଲ ଘର ଭାଙ୍ଗି ଭାତ ଓ ଧାନ ଖାଇଦେଇଥିଲେ। ହାତୀକୁ ଦେଖି ଲୋକେ ଭୟଭୀତ ହୋଇ ଘରଛାଡି ପିଲାଛୁଆଙ୍କୁ ନେଇ ଜୀବନ ରକ୍ଷା ପାଇଁ ପଳାଇ ଯାଇଥିଲେ। ସେହିପରି ଦୟଣାବିଲ ପଞ୍ଚାୟତର ମଠନୂଆଗାଁରେ ଚାଷଜମିକୁ ନଷ୍ଟ କରିବା ସହିତ ଅଲେଖ ଖିଲାରଙ୍କ ପରିବା ବଗିଚାରେ ପଶି କଖାରୁ, ମକା ଖାଇବା ସହିତ ବ୍ୟାପକ ଫସଲ ନଷ୍ଟ କରିଦେଇଛନ୍ତି। ଖବର ପାଇ ଭୁବନ ବନ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ହାତୀକୁ ଘଉଡ଼ାଇବାରୁ ହାତୀପଲ କାମାକ୍ଷାନଗର ବନାଞ୍ଚଳ ବିରାଶାଳ ଜଙ୍ଗଲକୁ ପଳାଇ ଯାଇଥିଲେ। ଭୁବନ ରେଞ୍ଜର, ବନ କର୍ମଚାରୀମାନେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ସ୍ୱର୍ଣ୍ଣପଦକ ନେଇ ଫେରିଲେ ଶ୍ରେୟାଂଶ

ଅନୁଗୋଳ,୧୧୨(ମାନସ ବିଶ୍ୱାଳ)



ନେପାଳର ପୋଖରା ଠାରେ ଅନୁଷ୍ଠିତ ହୋଇଯାଇଥିବା ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେଇ ଅନୁଗୋଳ ସହର ହାତୀଶାଳପଡ଼ାର ୮ ବର୍ଷୀୟ ଶ୍ରେୟାଂଶ ସାହୁ ସ୍ୱର୍ଣ୍ଣ ଓ ରୋପ୍ୟ ପଦକ ବିଜେତା ହୋଇଛନ୍ତି। ରାଜ୍ୟ ଓ ଅନୁଗୋଳ ଜିଲାକୁ ଶ୍ରେୟାଂଶ ଗୌରବାନ୍ୱିତ କରିଥିବାରୁ ଏହାକୁ ନେଇ ତାଙ୍କ ବାପା ବିଶ୍ୱରଞ୍ଜନ ସାହୁ ଓ ମା' ସୂର୍ଯ୍ୟସ୍ନାତାଙ୍କ ସହ ଟାଏକୋଣ୍ଡ ଶିକ୍ଷକ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଶ୍ରେୟାଂଶ ନାଲକୋନଗରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଦ୍ୱିତୀୟ ଶ୍ରେଣୀର ଛାତ୍ର। ଅନୁଗୋଳ ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥଙ୍କ ନିକଟରୁ ସେ ୨ ବର୍ଷ ହେଲା ଶିକ୍ଷା ଲାଭ କରି ଜିଲା, ରାଜ୍ୟ ଓ ଜାତୀୟସ୍ତରୀୟ ଖେଳରେ ପଦକ ହାସଲ କରିବା ସହ ଜିଲା ପାଇଁ ଗୌରବ ଆଣୁଛନ୍ତି। ଏହି ସଫଳତା ପାଇଁ ଶ୍ରେୟାଂଶଙ୍କୁ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଅନୁଗୋଳ ଟାଏକୋଣ୍ଡୋ ସଂଘ ଅନୁଗୋଳ ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାସ, ନିର୍ମଳ ଅଗ୍ରୱାଲ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେବତା ଶୁଭେଚ୍ଛା ଜଣାଇଛନ୍ତି।

# ମା' ଭଣେଶ୍ୱରୀଙ୍କ ବାର୍ଷିକ ପୂଜା



ଡେରଙ୍ଗ/ପବିତ୍ରନଗର,୧୧୨ (ନିରୋଜ ପ୍ରଧାନ)

କଣିହାଁ ବ୍ଲକ କକୁଡ଼ିଆ ପଞ୍ଚାୟତ ବାଲିପଙ୍ଗା ଗ୍ରାମ ଠାରେ ମା' ଭଣେଶ୍ୱରୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଧି ଅନୁସାରେ ମା' ଭଣେଶ୍ୱରୀଙ୍କ ବାର୍ଷିକ ପୂଜା ମହାଆଡମ୍ବରରେ କରାଯାଇଥିଲା। ଏକ ବିରାଟ ପଟୁଆର ସହ ମା'ଙ୍କ ଆଲମକୁ ବଡ଼ଖୋଳ ଜଙ୍ଗଲ ଠାରେ ଥିବା ମା' ଭଣେଶ୍ୱରୀ ମନ୍ଦିରରେ ସ୍ଥାପନ ପରେ ରୀତିନୀତି ଅନୁସାରେ ପୂଜା କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ପୂଜା କମିଟି ପକ୍ଷରୁ ସଂକୀର୍ତ୍ତନ ଓ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# ଆଇଟିଆଇରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ




ଢେଙ୍କାନାଳ,୧୧୨(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାସ୍ଥିତ ସରକାରୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ ପରିସରରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦର, ଓଡ଼ାପଡ଼ା, ହିନ୍ଦୋଳ ଏବଂ ଗଁଦିଆ ବ୍ଲକ୍‌ର ୧୧୪ଜଣ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ଜଗଦିଶ ହାଇବ୍ରୁ, ସହକାରୀ କର୍ମ ନିଯୋଜନ ଅଧିକାରୀ ମାନସ ରଞ୍ଜନ କାଣ୍ଡିଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନଙ୍କୁ ସରକାରୀ ଆଟିଆଇରେ ସାଧାରଣବର୍ଗ ଓ ସଂରକ୍ଷିତ ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ବିଭାଗରେ ବିଭିନ୍ନ ଟ୍ରେଡ୍, ସମୟ ଅବଧି, ସ୍ଥାନ ସଂଖ୍ୟା, ଆବେଦନ ପ୍ରଣାଳୀ ଉପରେ ଆଲୋଚନା କରିଥିଲେ । ଏଠାରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ,ବିଭିନ୍ନ ବୃତ୍ତି ଓ ଷ୍ଟାଇପେଣ୍ଡ, ପ୍ରତ୍ୟକ୍ଷ ଅଭିଜ୍ଞତା ପାଇଁ ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କରେ ଭ୍ରମଣ ବ୍ୟବସ୍ଥା,ବିଭିନ୍ନ କମ୍ପାନୀଗୁଡିକରେ ମାସିକ ଭତ୍ତା ସହ ତାଲିମ୍, ନିଯୁକ୍ତି ମେଳା, ପାସ୍ ପରବର୍ତ୍ତୀ ନିଯୁକ୍ତି ସୁଯୋଗ ଏବଂ ଦକ୍ଷତା ବିକାଶର ଆବଶ୍ୟକତା ବିଷୟରେ ବୁଝାଇଥିଲେ । ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଡ.ଅନୁପମା ମିଶ୍ର, ଶିକ୍ଷାବିତ୍ ଡ଼. ଦେବୀ ପ୍ରସାଦ ମିଶ୍ର ଆଲୋଚନାଚକ୍ରରେ ସ୍ୱତନ୍ତ୍ର ନିମନ୍ତ୍ରିତ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନକରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀରେ ସରକାରୀ ଶିଳ୍ପ ତାଲିମ୍ ଅନଷ୍ଠାନର ୩ ଜଣ ରୋଲ୍ ମଡେଲ ମଧ ଯୋଗଦେଇଥିଲେ ଏବଂ ଅଧକ୍ଷ ଜଗଦୀଶ ହାଇବ୍ରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅନୁଷ୍ଠାନର ଟ୍ରେନିଙ୍ଗ ଅଫିସର ନିରୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୌନ୍ଦର୍ଯ୍ୟା ପ୍ରିମିୟମ ଲେଜର କ୍ଲିନିକ୍ ଉଦ୍‌ଘାଟିତ




ଢେଙ୍କାନାଳ,୧୧୨(ରତନ ନାୟାର)

ଢେଙ୍କାନାଳ ମୀନା ବଜାର ଗାନ୍ଧୀମନ୍ଦିର ରୋଡ଼ଠାରେ ସୌନ୍ଦର୍ଯ୍ୟା ପ୍ରିମିୟମ ସ୍କିନ ଆଣ୍ଡ ଲେଜର କ୍ଲିନିକ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ଶକୁନ୍ତଳା ଜେନା ଯୋଗଦେଇ ଉଦଘାଟନ କରିଥିଲେ। ଢେଙ୍କାନାଳ ସହରରେ ପ୍ରଥମ ଥର ପାଇଁ ସୌନ୍ଦର୍ଯ୍ୟା ପରିବାର ପକ୍ଷରୁ ବିବାହ ପୂର୍ବରୁ ଶରୀରର ସୌନ୍ଦର୍ଯ୍ୟରେ ନିଖାର ଆଣିବା ପାଇଁ ବଡି ସ୍ପା, ଷ୍ଟିମ ବାଥ, ଏସିଡ ବାଥ, ଟୁଥ ସ୍ପା, ପାଦ ଆଉ ହାତର ଉପଚାର କରାଯାଏ । ଲେଜର ମାଧ୍ୟମରେ କୋରିଆନ ଗ୍ଲାସ ଫେସିଆଲ, ହଲିଉଡ ଫେସିଆଲ ଇତ୍ୟାଦି କରାଯାଏ । ଏହା ଉଭୟେ ନାରୀ ଓ ପୁରୁଷମାନଙ୍କ ପାଇଁ ଉପଲବ୍ଧ, ସ୍ଥାୟୀ କେଶ ଓପାଡିବା, ଟାଟୁ ସଫା କରିବା, କ୍ରାଓଲିପୋଲ୍‌ସିସ୍, ଡାଇମଣ୍ଡ ଡର୍‌ମାବ୍‌ରାସନ୍ ଭଳି ଅତି ଆଧୁନିକ ଉପଚାର ରହିଛି। ଶରୀରରୁ ଚର୍ବି କମାଇବା ପାଇଁ କ୍ରାଓଲିପୋଲ୍‌ସିସ୍ ଭଳି ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସା କରାଯାଏ। ଡଃ ନିରଦ ଚନ୍ଦ୍ର ରାଉତ ଓ ସ୍ମିତାରାଣୀ ସାମଲଙ୍କ ତତ୍ତ୍ୱାବଧାନରେ ଏହି ସ୍କିନ ଓ ଲେଜର କ୍ଲିନିକ୍ ଉଦଘାଟିତ ହୋଇଯାଇଛି।

# ଅବକାରୀ ବିଭାଗର ଚଢ଼ାଉ, ୩ କୋର୍ଟ ଚାଲାଣ

କାମାକ୍ଷାନଗର, ୧୧୨ (ସୁଧୀ କୁମାର ପରିଡ଼ା)

କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ କଙ୍କଡାହାଡ଼ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇଥିଲା। ବୁଢ଼ୀବିଲି ଗ୍ରାମର ନରସିଂହ ହାଁସଦା, ଶଶାପଶି ଗ୍ରାମର ଜ୍ୟୋସ୍ନାମୟୀ ପରିଡା ଓ ବାଇଗଣପାଳ ଗ୍ରାମର ନନ୍ଦ ପାତ୍ରଙ୍କ ଠାରୁ ଦେଶୀ ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ମେଗା ସ୍ୱାସ୍ଥ୍ୟ ଶିବିର ନେଇ ପ୍ରସ୍ତୁତି ବୈଠକ

ପରଜଙ୍ଗ, ୩୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ରେଡ୍‌ନାଇଟ କ୍ଲବ ପରିବାର ତରଫରୁ ପରଜଙ୍ଗ ପୋଲିସ ଷ୍ଟେସନ ନିକଟରେ ଆସନ୍ତା ଫେବୃଆରୀ ୯ ତାରିଖ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରଜଙ୍ଗବାସୀଙ୍କ ସାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ସମ୍ପୂର୍ଣ୍ଣ ନିଶୁଳ୍କ ଦେୟରେ ଜେ.ବି.ଆର ହସ୍ପିଟାଲର ସହଯୋଗରେ ଏହି ଶିବିର ଅନୁଷ୍ଠିତ ହେବ। ଏଣୁ ସମସ୍ତଙ୍କ ସହଯୋଗ କାମନା କରିବା ସହ ଏ ସେବାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଛି। ଶିବିରରେ ମାଗଣା ଔଷଧ ବିତରଣ, ବ୍ଲଡ଼ ପ୍ରେସର ଓ ଡାଇବେଟିସ ଇତ୍ୟାଦି ପରୀକ୍ଷା କରାଯିବ। ଆୟୋଜକ ଜେ.ବି.ଆର ହସ୍ପିଟାଲ ସହାୟତାରେ ରେଡ ନାଇଟ ପରିବାର ଓ ମାନବ ସେବା ଗୋ ସେବା ଚାରି ଟେବୁଲ ଟ୍ରଷ୍ଟ ସହଯୋଗର ଭାଗୀଦାରୀରେ ଏହି ଶିବିର ଅନୁଷ୍ଠିତ ହେବ।

# ଗୋଚାଲାଣ ଗାଡ଼ି ଜବତ

ଢେଙ୍କାନାଳ,୧୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଭୋଜଦେଇପୁର ଗ୍ରାମରୁ ଶନିବାର ଭୋର ୪ଟା ସମୟରେ ବଜରଙ୍ଗ ଦଳର ସଦସ୍ୟମାନେ ଏକ ଗୋରୁଚାଲାଣ ହେଉଥିବା ପିକ୍‌ଏପ୍ ଗାଡ଼ିକୁ ଜବତ କରିଥିଲେ । ଓଡି.୩୪-କ୍ୟୁ-୫୩୧୦ନଂ ପିକ୍‌ଅପ୍ ଗାଡ଼ି ସଦାଶିବପୁର ଅଞ୍ଚଳରୁ ଗୋରୁମାନଙ୍କୁ ଧରି ବାରଦା ଅଭିମୁଖେ ଆସୁଥିବା ବେଳେ ଭୋଜଦେଇପୁରଠାରେ ଅଟକାଇଥିଲେ । ଉକ୍ତ ଗାଡିରେ ୪ଟି ଗୋରୁ ଅତି ନିର୍ଦ୍ଦୟ ଭାବେ ବନ୍ଧା ହୋଇଥିଲେ । ଗାଡ଼ିର ଥିବା ଡ୍ରାଇଭର ଓ ୩ଜଣ ବ୍ୟକ୍ତିଙ୍କଠାରୁ ସଠିକ୍ ଉତ୍ତର ନ ମିଳିବାରୁ ବଜରଙ୍ଗ ଦଳର ସଦସ୍ୟମାନେ ଗାଡି ଓ ଗୋରୁମାନଙ୍କୁ ଜବତ କରିଥିଲେ। ଜବତ ପରେ ଗାଡ଼ି ସହିତ ସମ୍ପୃକ୍ତ ୪ଜଣ ବ୍ୟକ୍ତିଙ୍କୁ ବଜରଙ୍ଗ ଦଳର ସଦସ୍ୟମାନେ ସଦର ଥାନା ଜିମାରେ ଦେଇଥିଲେ ବୋଲି ସଂଯୋଜକ ଅମୂଲ୍ୟ ମଲ୍ଲିକ କହିଛନ୍ତି।

# ଜିଲା କିଷାନ କଂଗ୍ରେସର ଆନ୍ଦୋଳନ, ଧାରଣା

ଢେଙ୍କାନାଳ,୧୧୨(ରତନ ନାୟାର)



ଢେଙ୍କାନାଳ ଜିଲା କିଷାନ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଓ ଧାରଣା କାର୍ଯ୍ୟକ୍ରମ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା କିଷାନ କଂଗ୍ରେସର ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଓ ମହିଳା ଯୋଗଦେଇ ଧାରଣାରେ ବସିଥିଲେ। ଦାବି ମଧ୍ୟରେ ଚାଷୀର କ୍ଷତିପୂରଣ ଏକର ପିଛା ୨୦ ହଜାର ଟଙ୍କା, ଭାଗଚାଷୀଙ୍କୁ ସମାନ କ୍ଷତିପୂରଣ ପ୍ରଦାନ, ପନିପରିବା ଚାଷୀଙ୍କୁ ଏକର ପିଛା କ୍ଷତିପୂରଣ ୪୦ ହଜାର ଟଙ୍କା, ଚାଷୀର ସମସ୍ତ ପ୍ରକାର ଋଣଛାଡ, ୩ କେଜି.ରୁ ଅଧିକ କଟ୍‌ନି ଛଟ୍‌ନି ବନ୍ଦ, ଅନ୍ୟୁନ ୫ହଜାର ଟଙ୍କା ଭତ୍ତା ପ୍ରଦାନ, ଏଫ୍‌ଏକ୍ୟୁ ମାନ ବନ୍ଦ କରି ଧାନ ମଣ୍ଡିରେ ଧାନ ନେବା, ପ୍ରତ୍ୟେକ କିଷାନ୍‌କୁ ୫ହଜାର ଟଙ୍କା ଭତ୍ତା ପ୍ରଦାନ ଆଦି ଦାବି କରାଯାଇଥିଲା। ୧୦ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଗଲା। ଜିଲା କଂଗ୍ରେସ୍ କମିଟି ସଭାପତି ସୁନିଲ୍ କୁମାର ଦାଶ, ଡା. ତୁଷାରକାନ୍ତୀ ନାୟକ, ବରିଷ୍ଠ କଂଗ୍ରେସ୍ ନେତା ପ୍ରେମ୍‌ଶଙ୍କର ମିଶ୍ର, ପ୍ରବକ୍ତା ସରୋଜ ଶତପଥୀ ସରକାର ଆଭିମୁଖ୍ୟକୁ ଦୃଢ ନିନ୍ଦା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାଷୀ ସଂଗଠନର ଉପସଭାପତି ରାହସ ବିହାରୀ ମହାନ୍ତି, ଓଡାପଡା ବ୍ଲକ୍ ବରିଷ୍ଠ ଉପସଭାପତି ନକୁଳ ରାଉତ, ଜିଲ୍ଲା ସାଧାରଣ ସଂପାଦକ ଜିତେନ୍ଦ୍ର କୁମାର ସାହୁ, ଉପଦେଷ୍ଟା ନିଶାକର ସାହୁ, ଫକୀର ଚରଣ ବେହେରା, ସଂପାଦକ କଙ୍କଡାହାଡ ବ୍ଲକ୍‌ର ଛବି ସାହୁ, ମହିଳା ମଣ୍ଡଳର ବରିଷ୍ଠ ନେତ୍ରୀ ଉର୍ମିଳା ଦାସ, ଯୁବ କଂଗ୍ରେସ୍ ସଭାପତି ଶୁଭମ୍ ଦାଶ, ପରଜଙ୍ଗ ବ୍ଲକ୍‌ର ଅତିଶ୍ ପଣ୍ଡା, ମହମ୍ମଦ ଆର୍ଶାଦ, ମିଲନ୍ ସାହୁ, ରାକେଶ ନାୟକ, ମମତା ଜେନା, ସାବିତ୍ରୀ ଜେନା, ଶୈଳ ସାହୁ, ସୁଷମା ସାହୁ, ସଞ୍ଜୁବାଳା ସାହୁ, ଚାରୁଲତା ଦାସ, ରୀତା ସାହୁ, ପ୍ରତିମା ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦଳମତ ନିର୍ବିଶେଷରେ ସହରର ବିକାଶକୁ ଗୁରୁତ୍ୱ

## ପୌରସଂସ୍ଥାର ସାଧାରଣ ପରିଷଦ ବୈଠକ

ଢେଙ୍କାନାଳ,୧୧୨(ରତନ ନାୟାର)



ଢେଙ୍କାନାଳ ପୌର ପରିଷଦର ସାଧାରଣ ପରିଷଦ ବୈଠକ ଶନିବାର ପୌର କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୈଠକରେ ଯୋଗଦେଇ ଦଳମତ ନିର୍ବିଶେଷରେ ସହରରେ ବିକାଶ ଧାରାକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସରକାରଙ୍କ ଅନୁଦାନର ଅଭାବ ରହିବ ନାହିଁ । ଯେଉଁଠି ସମସ୍ୟା ହେବ ସେ ସରକାରୀ ସ୍ତରରେ ଏହାର ସମାଧାନ କରିବେ ବୋଲି କହିଥିଲେ। ଢେଙ୍କାନାଳ ସହର ଚତୁଃପାର୍ଶ୍ୱରେ ଏକ ରିଙ୍ଗରୋଡ ନିର୍ମାଣ, ଗୋପବନ୍ଧୁ ଟାଉନ ହଲର ଅତ୍ୟାଧୁନିକକରଣ, ଶ୍ମଶାନଗୁଡିକର ଉନ୍ନତୀକରଣ, ରାସ୍ତାଘାଟ ଓ ଡ୍ରେନ୍‌ର ଉନ୍ନତୀକରଣ ଉପରେ ଆଲୋଚନା ହୋଇଥିଲା । ଭାଗୀରଥି ସାଗର (ନୂଆ ପୋଖରୀ)ର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଏହାକୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସହରର ବିକାଶମୂଳକ କାର୍ଯ୍ୟ ପାଇଁ ମନ୍ତ୍ରୀଙ୍କ ସହଯୋଗ କାମନା କରିଥିଲେ । ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଓ ଏମ୍‌ପିଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ । ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା, ପୌରସଂସ୍ଥାର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପୌରାଞ୍ଚଳରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମରେ ବିବରଣୀ ପ୍ରଦାନ କରିଥିଲେ । ସାନିଟେସନ ଅଧିକାରୀ ସରୋଜ ସାହୁ ଉପସ୍ଥିତ ଥିଲେ । ବୈଠକରେ ପୌର ପରିଷଦର କାଉନ୍‌ସିଲରମାନଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ ।

